### ଓଡିଆ ବିଶ୍ୱବିଦ୍ୟାଳୟର ଭିତିପ୍ରସ୍ତର ପ୍ରସଙ୍ଗରେ

# ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କର ଓଡ଼ିଆ ପ୍ରେମ ପ୍ରଦର୍ଶନ : ବିଶ୍ୱଭୂଷଣ ହରିଚନ୍ଦନ

**ଭୁବନେଶ୍ୱର, ତା.୦୮/୧୦ :** ମୁଖ୍ୟମନ୍ତ୍ରୀ ସାକ୍ଷୀଗୋପାଳଠାରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ଭିତିପ୍ରସ୍ତର ସ୍ଥାପନ କରୁଥିବା ସ୍ୱାଗତଯୋଗ୍ୟ । ସାକ୍ଷୀଗୋପାଳ ମହାନ୍ ସ୍ୱାଧୀନତା ସଂଗ୍ରାମୀ ଜନନାୟକ ଉତ୍କଳମଣି ଗୋପବଂଧୁଙ୍କର ସାଧନାର ପୀଠ କେବଳ ନ ଥିଲା, ବରଂ ଦେଶର ମୁକ୍ତି ପାଇଁ ଲଢ଼େଇ କରିବାକୁ ସ୍ୱାଧୀନତା ସଂଗ୍ରାମୀ ତିଆରି କରିବାର କାରଖାନା ମଧ୍ୟ ଥିଲା । ଓଡ଼ିଆ ସାହିତ୍ୟର ସତ୍ୟବାଦୀ ଯୁଗର ଏହା ମଧ୍ୟ ଥିଲା ମୁଖ୍ୟପୀଠ । ଉତ୍କଳମଣି ଗୋପବଂଧୁଙ୍କର ଜୟନ୍ତୀରେ ସାକ୍ଷୀଗୋପାଳ ବକୁଳବନ ପାଖରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ଭିତିପ୍ରସ୍ତର ସ୍ଥାପନ ମଧ୍ୟ ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ । ଉତ୍କଳମଣି, ସାକ୍ଷୀଗୋପାଳ ଓ ତାର ବକୁଳବନ ସହିତ ଓଡ଼ିଆ ଜାତିର ଭାବାବେଗ ଯୋଡ଼ିହୋଇ ରହିଛି । ସାଧାରଣ ନିର୍ବାଚନ ନିକଟ ହୋଇଯିବାରୁ ଲୋକମତକୁ ପ୍ରଭାବିତ କରିବାକୁ ଅସଂଖ୍ୟ ଯୋଜନା ଓ ତାର ଶିଳାନ୍ୟାସ କଲାଭଳି ମୁଖ୍ୟମନ୍ତ୍ରୀ ଉତ୍କଳମଣିଙ୍କର କର୍ମକ୍ଷେତ୍ର ଓ ଓଡ଼ିଆ ସାହିତ୍ୟର ସତ୍ୟବାଦୀ ଯୁଗର ସାରସ୍ୱତ ପୀଠରେ ଗୋପବଂଧୁଙ୍କ ଜୟନ୍ତୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ଭିତିପ୍ରସ୍ତର ସ୍ଥାପନ କରି ନିଜର ଓଡ଼ିଆ ପ୍ରେମ ପ୍ରଦର୍ଶନ କରିବାର ଚେଷ୍ଟା କରିଛନ୍ତି । ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କର କଣ ପ୍ରକୃତ ନିଷ୍ଠା ଓ ଆନ୍ତରିକତା ଅଛି ନା ଏହା ତାଙ୍କର ଏକ ନିର୍ବାଚନ ରଣକୌଶଳ ନୁହେଁ ତ ବୋଲି ବରିଷ୍ଠ ନେତା ଓ ପୂର୍ବତନ ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ପ୍ରଶ୍ନ କରିଛନ୍ତି ।

ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ଦୀର୍ଘ ୧୮ବର୍ଷ କାଳ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିବା ସତ୍ୱେ ନବୀନବାବୁ ଏ ପର୍ଯ୍ୟନ୍ତ ଓଡ଼ିଆ ଜାଣି ନଥିବା, ଓଡ଼ିଆରେ କଥା କହୁ ନ ଥିବା କଣ ତାଙ୍କର ଓଡ଼ିଆ ପ୍ରେମ ଓ ଓଡ଼ିଆତ୍ୱର ନମୁନା ? ଦେଶରେ ଏ ଭଳି କୈାଣସି ରାଜ୍ୟ ନାହିଁ ଯେଉଁଠାରେ ତାର ମୁଖ୍ୟମନ୍ତ୍ରୀ ବା ଶାସକ ଶାସିତର ଭାଷା ଜାଣିନାହିଁ । ଯେ ତା ରାଜ୍ୟର ଭାଷା ଜାଣେ ନାହିଁ, ସାଧାରଣ ଲୋକ ସହ ମିଶେ ନାହିଁ, ସେ କି ଭଳି ଲୋକ ସମସ୍ୟା ବୁଝିପାରିବ ଏବଂ ଭଲ ଶାସକ ହୋଇପାରିବ ? ଶାସକ ଯଦି ଶାସିତର ଭାଷା ଜାଣି ନାହିଁ ସେ ଶାସକ ହେବା ପାଇଁ ଆଯୋଗ୍ୟ । ସରକାରଙ୍କର ଓଡ଼ିଆ ଭାଷା ପ୍ରତି କୈାଣସି ଶ୍ରଦ୍ଧା, ସମ୍ମାନ, ପ୍ରେମ ଓ ଆନ୍ତରିକତା ନ ଥିବାରୁ ଏହା ଏ ପର୍ଯ୍ୟନ୍ତ ସରକାରୀ ଭାଷା ଭାବେ ସରକାରୀ ଦପ୍ତରମାନଙ୍କରେ ପ୍ରଚଳିତ ହୋଇପାରିନି । ଅନ୍ୟ ସମସ୍ତ ରାଜ୍ୟରେ ସେମାନଙ୍କର ମାତୃଭାଷା ସରକାରୀ ଭାଷା ଭାବେ ପ୍ରଚଳିତ । ନିଜ ମାତୃଭାଷାରେ ଯେ କଥା ହୁଏ ନାହିଁ ତାର ଦେଶପ୍ରେମ ଓ ସ୍ୱାଭିମାନ ଆସିବ କୁଆଡୁ ବୋଲି ଶ୍ରୀ ହରିଚନ୍ଦନ ପ୍ରଶ୍ନ କରିଛନ୍ତି ।

ଓଡ଼ିଆ ଭାଷା, ଓଡ଼ିଆ ଜାତି, ତାର ସଂସ୍କୃତି, ପରଂପରା, ଐତିହ୍ୟ ଓ ଗର୍ବିତ ଇତିହାସକୁ କଣ ମୁଖ୍ୟମନ୍ତ୍ରୀ ଭଲପାଆନ୍ତି ? ଉତ୍କଳ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଭାଷାର ଗବେଷଣା ପାଇଁ ଥିବା ସତ୍ୟବାଦୀ ଚେଆର, ମାୟାଧର ମାନସିଂହ ଚେଆର ଓ ଆର୍ତବଲ୍ଲଭ ମହାନ୍ତି ଚେଆର ସହିତ କୋଲକାତା ବିଶ୍ୱବିଦ୍ୟାଳୟରେ ଥିବା ଓଡ଼ିଆ ଚେଆର ବହୁକାଳରୁ ଉଠିଗଲାଣି । ସେଗୁଡ଼ିକର ପୁନଃରୁଦ୍ଧାର ପାଇଁ ଆନ୍ତରିକତା ନ ଦେଖାଇ ଏବେ ଜେ.ଏନ. ୟୁରେ ଓଡ଼ିଆ ଚେଆର ସ୍ଥାପନ କରିବା ନିଷ୍ପତିର ଅର୍ଥ କଣ ? ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଥିଲେ ସୁଦ୍ଧା ଓଡ଼ିଆ ଭାଷାର ଗବେଷଣା ଓ ବିକାଶ ପାଇଁ ଆପଣଙ୍କ ସରକାର କୈାଣସି ପଦକ୍ଷେପ ନ ନେଇ ଫମ୍ପା ବାହବା ନେଉଛି କାହିଁକି ବୋଲି ଶ୍ରୀ ହରିଚନ୍ଦନ ପ୍ରଶ୍ନ କରିଛନ୍ତି ।

**(ପୃଷ୍ଠା: ୧/୨)**

ବକ୍ସି ଜଗବଂଧୁଙ୍କର ନେତୃତ୍ୱରେ ୧୮୧୭ ମସିହାର ଓଡ଼ିଆ ଜାତିର ରକ୍ତାକ୍ତ ଗଣସଂଗ୍ରାମ ପାଇକ ବିଦ୍ରୋହର ଦ୍ୱିଶତବାର୍ଷିକୀ ପାଳନ କରିବା ପାଇଁ କେନ୍ଦ୍ରସରକାର ନିଷ୍ପତି ନେବା ପରେ ଏହା ଦେଶର ଅନ୍ୟତମ ସ୍ୱାଧୀନତା ସଂଗ୍ରାମର ସ୍ୱୀକୃତି ପାଇଛି । ଏହାକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ଗ୍ରହଣ କରିବା ପାଇଁ ସରକାରଙ୍କ ପାଖରେ ଆମେ ଦାବି କରୁଛୁ । ସରକାର ଓ ବିଶେଷ ଭାବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏ ଭଳି ନିଷ୍ପତି ନେବା ଫଳରେ ସମଗ୍ର ଓଡ଼ିଆ ଜାତି ଗର୍ବିତ ହୋଇଛି । ପାଇକ ବିଦ୍ରୋହର କେନ୍ଦ୍ରସ୍ଥଳୀ ବରୁଣେଇ ପାହାଡ଼ ଖୋର୍ଦ୍ଧାଗଡ଼ ପାଖରେ ୫୦ ଏକର ଜମି ଦେଲେ ସେଠାରେ ପାଇକ ବିଦ୍ରୋହର ଏକ ମହାନ ସ୍ମାରକୀ ସ୍ଥାପନ କରିବାକୁ କେନ୍ଦ୍ରସରକାର ପ୍ରସ୍ତାବ ଦେଇଛନ୍ତି । ସେଥିପାଇଁ କେନ୍ଦ୍ରସରକାରଙ୍କ ସଂସ୍କୃତି ବିଭାଗ ମନ୍ତ୍ରୀ ରାଜ୍ୟକୁ ଚିଠି ଲେଖିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଇ.ଓ.ସି.ଏଲ୍. ଟ୍ରଷ୍ଟ ଫଣ୍ଡରୁ ଏଥିପାଇଁ ୬୦ କୋଟି ଟଂକା ପ୍ରଦାନ କରିଛନ୍ତି ଓ ଓ ଜମି ପାଇଁ ରାଜ୍ୟସରକାରଙ୍କୁ ଚିଠି ଲେଖିଛନ୍ତି ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।

ଏଥିରେ ଓଡ଼ିଆ ଜାତିର ଗର୍ବ ଓ ଗୌରବ ନିହିତ ରହିଛି । ସ୍ମାରକୀ କୀର୍ତି ସ୍ତମ୍ଭ, ପାଇକ ବିଦ୍ରୋହର ମହାନାୟକ ବକ୍ସି ଜଗବଂଧୁଙ୍କର ବିରାଟ ପ୍ରତିମୂର୍ତି ସହିତ ଅନ୍ୟ ବୀରପୁରୁଷ ମାନଙ୍କର ପ୍ରତିମୂର୍ତି ଏଠାରେ ସ୍ଥାପନ କରାଯିବା ଦ୍ୱାରା ଏହା ଏକ ଦର୍ଶନୀୟ କ୍ଷେତ୍ର ହୋଇଯିବ । ଏହାକୁ ଦେଖି ଓଡ଼ିଆ ଜାତି ଗର୍ବ କରିବ ଓ ବାହାରୁ ପର୍ଯ୍ୟଟନମାନେ ଏ ଜାତିର ଗୌରବକୁ ବେଶି ପ୍ରସଂଶା କରିବେ । ଏଥିପାଇଁ ଜମି ନ ଦେଇ ଦରଖାସ୍ତକୁ ପକାଇ ରଖିବା କଣ ମୁଖ୍ୟମନ୍ତ୍ରୀଙ୍କର ଓଡ଼ିଆତ୍ୱ ଓ ଓଡ଼ିଆପ୍ରେମର ପରିଚାୟକ ବୋଲି ଶ୍ରୀ ହରିଚନ୍ଦନ ପ୍ରଶ୍ନ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ଏ ଜମି ତୁରନ୍ତ ଦେବା ପାଇଁ ଆମେ ଦାବୀ କରୁଛୁ । ଉତ୍କଳମଣି ଗୋପବଂଧୁଙ୍କର ପବିତ୍ର ଜୟନ୍ତୀରେ ତାଙ୍କର ସାଧନା କ୍ଷେତ୍ର ସାକ୍ଷୀଗୋପାଳଠାରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ଭିତିପ୍ରସ୍ତର ସ୍ଥାପନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ଆଜିଠାରୁ ଓଡ଼ିଆରେ ଅନ୍ତତଃ ଓଡ଼ିଆ ଲୋକଂକ ସାଥିରେ କଥା ହେବା ପାଇଁ ଓ ଓଡ଼ିଆ ଭାଷାକୁ ସରକାରୀ ଦପ୍ତରମାନଙ୍କରେ କଠୋରତା ସହ ପ୍ରଚଳନ କରିବାକୁ ସଂକଳ୍ପ ନେବାକୁ ଶ୍ରୀ ହରିଚନ୍ଦନ ଆହ୍ୱାନ ଜଣାଇଛନ୍ତି ।

ଏହି ଅବସରରେ ରାଜ୍ୟ ମୁଖପାତ୍ର ଶ୍ରୀ ଗୋଲକ ପ୍ରସାଦ ମହାପାତ୍ର ଉପସ୍ଥିତ ଥିଲେ ।

**(ବିଜେପି ମିଡିଆ ସେଲ୍)**